# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 18 November – 2025

*******************************

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀଠାରେ ଷଷ୍ଠ ଜାତୀୟ ଜଳ ପୁରସ୍କାର ପ୍ରଦାନ କଲେ ରାଷ୍ଟ୍ରପତି

— ଶ୍ରେଷ୍ଠ ପ୍ରଦର୍ଶନକାରୀ ଜିଲ୍ଲା ଭାବେ ଗଞ୍ଜାମ, ମୟୂରଭଞ୍ଜ, କଳାହାଣ୍ଡି, ରାୟଗଡ଼ା ଓ କଟକ ପୁରସ୍କୃତ

- ପିଏମ-କିଷାନ ସମ୍ମାନନିଧି ଯୋଜନାର ୨୧ତମ କିସ୍ତି ଆସନ୍ତାକାଲି ପ୍ରଦାନ କରିବେ ପ୍ରଧାନମନ୍ତ୍ରୀ

- ଲୋକକୈନ୍ଦ୍ରିକ ଶାସନ ପ୍ରତିଷ୍ଠା କରି ଜନସାଧାରଣଙ୍କୁ ଉତ୍ତମ ନାଗରିକ ସେବା ପ୍ରଦାନ ପାଇଁ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

ଏବଂ

- ଭୁବନେଶ୍ୱରଠାରେ ସୁପୋଷିତ ଓଡ଼ିଶା ମିଶନର ଶୁଭାରମ୍ଭ କଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା

# ରାଷ୍ଟ୍ରପତି-ଜଳପୁରସ୍କାର

ଜଳର ଉପଲବ୍ଧତା ଓ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ସମସ୍ତଙ୍କୁ ଏକତ୍ର କାର୍ଯ୍ୟ କରିବାକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆହ୍ୱାନ ଦେଇଛନ୍ତି । ନୂଆଦିଲ୍ଲୀର ବିଜ୍ଞାନ ଭବନରେ 'ଜଳସଞ୍ଚୟ ଜଳଭାଗିଦାରୀ' ଅଭିଯାନ ଅଧୀନରେ ଆୟୋଜିତ ଷଷ୍ଠ ଜାତୀୟ ଜଳପୁରସ୍କାର-୨୦୨୪ ପ୍ରଦାନ କରି ଶ୍ରୀମତୀ ମୁର୍ମୁ କହିଛନ୍ତି, ବର୍ତ୍ତମାନ ସମୟରେ ଜଳବାୟୁ ପରିବର୍ତ୍ତନ ଜଳଚକ୍ରକୁ ପ୍ରଭାବିତ କରୁଛି । ଦେଶପାଇଁ ଜଳର ସୁପରିଚାଳନା ଅତ୍ୟନ୍ତ ଜରୁରୀ । ଗତବର୍ଷ ଆରମ୍ଭ ହୋଇଥିବା ଜଳସଂରକ୍ଷଣ, ଜନଭାଗୀଦାରୀ କାର୍ଯ୍ୟକ୍ରମ ଅଧୀନରେ ୩ ଦଶମିକ ୫ ନିୟୁତରୁ ଅଧିକ ଭୂତଳ ଜଳ ପୁନଃ ସଂରଚନା ନିର୍ମାଣ କରାଯାଇଛି ବୋଲି ରାଷ୍ଟ୍ରପତି କହିଛନ୍ତି ।

**- V/O -(President)**

ଏହି ଅଭିଯାନରେ ଶ୍ରେଷ୍ଠ ରାଜ୍ୟ, ଜିଲ୍ଲା, ଗ୍ରାମପଞ୍ଚାୟତ, ସହରାଞ୍ଚଳ ସ୍ଥାନୀୟ ସଂସ୍ଥା, ଅନୁଷ୍ଠାନ, ବିଦ୍ୟାଳୟ ଓ ବ୍ୟକ୍ତିବିଶେଷ ସମେତ ୧୦ଟି ବର୍ଗରେ ୪୬ ଜଣ ବିଜେତାଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି । ଶ୍ରେଷ୍ଠ ରାଜ୍ୟ ବର୍ଗରେ ମହାରାଷ୍ଟ୍ର ପ୍ରଥମ ସ୍ଥାନ ହାସଲ କରିଛି । ଶ୍ରେଷ୍ଠ ପ୍ରଦର୍ଶନକାରୀ ଜିଲ୍ଲା ଭାବେ ଓଡ଼ିଶାର ଗଞ୍ଜାମ, ମୟୂରଭଞ୍ଜ, କଳାହାଣ୍ଡି, ରାୟଗଡ଼ା ଓ କଟକକୁ ପୁରସ୍କୃତ କରାଯାଇଛି । ବିଭିନ୍ନ ଜଳପ୍ରକଳ୍ପକୁ ସଫଳତାର ସହ କାର୍ଯ୍ୟକାରୀ କରିବା ପାଇଁ ଏହିସବୁ ଜିଲ୍ଲାକୁ ୨୫ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ରାଶି

ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଜଳଶକ୍ତି ମନ୍ତ୍ରୀ ସି.ଆର.ପାଟିଲ୍ ଉପସ୍ଥିତ ଥିଲେ।

## ପିଏମ୍-କିଷାନ

ପ୍ରଧାନମନ୍ତ୍ରୀ କିଷାନ ସମ୍ମାନନିଧି ଯୋଜନାର ୨୧ତମ କିସ୍ତି ଆସନ୍ତାକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାମିଲନାଡୁର କୋଏମ୍ବାଟୁରଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରଦାନ କରିବେ। ଏଥିରେ ୯ କୋଟିରୁ ଅଧିକ କୃଷକଙ୍କ ବ୍ୟାଙ୍କ ଖାତାକୁ ୧୮ ହଜାର କୋଟିରୁ ଅଧିକ ଟଙ୍କା ହସ୍ତାନ୍ତର କରାଯିବା ନେଇ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏହି ଯୋଜନାରେ ବାର୍ଷିକ ଯୋଗ୍ୟ କୃଷକ ପରିବାରଙ୍କୁ ୬ ହଜାର ଟଙ୍କା ଲେଖାଏଁ ଦିଆଯାଉଛି। ରାଜ୍ୟରେ ୩୫ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀଙ୍କ ଖାତାକୁ ଏହି ଟଙ୍କା ଆସିବ।

## ମୁଖ୍ୟମନ୍ତ୍ରୀ

ଲୋକକୈନ୍ଦ୍ରିକ ଶାସନ ପ୍ରତିଷ୍ଠା କରି ଜନସାଧାରଣଙ୍କୁ ଉତ୍ତମ ନାଗରିକ ସେବା ପ୍ରଦାନ ସହ ବିକଶିତ ଓଡ଼ିଶା ୨୦୩୬ ଗଠନ ପାଇଁ ଦୃଢ଼ ସଂକଳ୍ପର ସହ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକମାନଙ୍କୁ ପରାମର୍ଶ ଦେଇଛନ୍ତି। ଭୁବନେଶ୍ୱର ଲୋକସେବା ଭବନରେ ଆୟୋଜିତ ଦୁଇଦିନିଆ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ସମ୍ମିଳନୀର ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ଅଧିକାରୀମାନଙ୍କୁ କ୍ଷେତ୍ରସ୍ତରୀୟ

ପରିଦର୍ଶନ ସହ ତୃଣମୂଳସ୍ତରରେ ସରକାରୀ ପ୍ରତିନିଧି ଭାବେ କାର୍ଯ୍ୟ କରି ବିଭିନ୍ନ ଯୋଜନାର ସଫଳ ରୂପାୟନ ପାଇଁ ଆହ୍ୱାନ ଦେଇଛନ୍ତି। ଶାସନ ପ୍ରଶାସନରେ ବୈଷୟିକ ଜ୍ଞାନକୌଶଳର ବ୍ୟବହାର କରି ବିଭିନ୍ନ ସମସ୍ୟାର ସମାଧାନ ପାଇଁ ପରାମର୍ଶ ଦେଇଛନ୍ତି। ଓଡ଼ିଆ ଅସ୍ମିତାର ସୁରକ୍ଷା, ପ୍ରଶାସନିକ ସ୍ତରରେ ଓଡ଼ିଆ ଭାଷାର ବହୂଳ ବ୍ୟବହାର ସହ ସରକାରୀ ବିଜ୍ଞାପନ ଓଡ଼ିଆ ଭାଷାରେ ପ୍ରକାଶ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

**- V/O -(CM)**

ବୈଠକରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ, ମୁଖ୍ୟ ଶାସନ ସଚିବ ମନୋଜ ଆହୂଜା ପ୍ରମୁଖ ଉପସ୍ଥିତ ଥିଲେ।

## ସୁପୋଷିତ ଓଡ଼ିଶା

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଆଜି ଭୁବନେଶ୍ୱର ଲୋକସେବା ଭବନସ୍ଥିତ ମହିଳା ଓ ଶିଶୁବିକାଶ ବିଭାଗ ସମ୍ମିଳନୀ କକ୍ଷରେ ସୁପୋଷିତ ଓଡ଼ିଶା ଡାସ୍‌ବୋର୍ଡ, ପୋଷଣ କଫିଟେବୁଲ ବୁକ୍, ରୋଷେଇ ପୁସ୍ତକର ଉନ୍ମୋଚନ, ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକରେ ଅଗ୍ନି ନିର୍ବାପକ ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି। ପୋଷଣ, ପ୍ରୋତ୍ସାହନ ଓ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ସୁଭଦ୍ରା ଯୋଜନା ନୀତି ଆୟୋଗର ଉତ୍ତମ ପ୍ରଶାସନ

ମଡେଲରେ ସ୍ଥାନୀତ ହୋଇ ପାରିଛି ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା କହିଛନ୍ତି।

**- V/O -(**ପ୍ରଭାତୀ ପରିଡା**)**

ଅପରାହ୍ଣରେ ପୋଖରିପୁଟସ୍ଥିତ ମିଶନଶକ୍ତି ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ଶ୍ରୀମତୀ ପରିଡା ସ୍ୱୟଂ ସହାୟକ ଗୋଷ୍ଠୀକୁ ଋର ଉପରେ ପ୍ରଦତ୍ତ ସୁଧ ଫେରସ୍ତ କରିବେ।

## ପ୍ରକଳ୍ପ ଶିଳାନ୍ୟାସ

**ନୟାଗଡ଼** ଜିଲ୍ଲା ଗସ୍ତରେ ଯାଇ ବାଚସ୍ପତି ସୁରମା ପାଢ଼ୀ ବିଭିନ୍ନ ନୂତନ ପ୍ରକଳ୍ପର ଉଦ୍‌ଘାଟନ କରିବା ସହ ଶିଳାନ୍ୟାସ କରିଛନ୍ତି। ଶ୍ରୀମତୀ ପାଢ଼ୀ ସୋଲାପଟାରୁ ମଗରବନ୍ଧକୁ ଯୋଗାଯୋଗ କରୁଥିବା ରାସ୍ତାର ଶିଳାନ୍ୟାସ କରିଛନ୍ତି। ଏଥିପାଇଁ ୮ କୋଟି ୮୫ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି। ଏହି ରାସ୍ତା ନିର୍ମାଣ ହେବା ଦ୍ୱାରା ସୋଲାପଟା ସମେତ ମଗରବନ୍ଧ, ଶରଧାପୁର, ଶରଣକୂଳ ଆଦି ପଂଚାୟତର ଶତାଧିକ ଲୋକ ଉପକୃତ ହେବେ। ଅନ୍ୟପକ୍ଷରେ, ରଣପୁର ବ୍ଲକ୍ ଲୋଧାଚୁଆ ପଂଚାୟତରେ ପ୍ରାୟ ୬ ଲକ୍ଷ ଟଙ୍କାରେ ନିର୍ମିତ ମନ୍ଦିରର ଉଦ୍‌ଘାଟନ କରିଥିଲେ। ସେହିପରି ବଗଲପୁରୁଣା ସାହି ଗୋଷ୍ଠୀକେନ୍ଦ୍ରରେ କେନ୍ଦ୍ରରେ ପ୍ରାୟ ୨ ଲକ୍ଷ ଟଙ୍କାରେ ନିର୍ମିତ ଗୃହକୁ ଲୋକାର୍ପିତ କରିଥିଲେ।

## ରାସ୍ତା ଉନ୍ନତୀକରଣ

**ଗଞ୍ଜାମ** ଜିଲ୍ଲା ପୋଲସରା ବ୍ଲକ୍ ମନ୍ଦାର ମାଳତୀବାଡି-ଭାଟଖାଲି ରାସ୍ତାର ଉନ୍ନତୀକରଣ ପାଇଁ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏଥିପାଇଁ ୮ କୋଟି ଟଙ୍କା ବ୍ୟୟ ଅଟକଳ ମଞ୍ଜୁର କରାଯାଇଛି ।  ଏହି ରାସ୍ତା ଦ୍ୱାରା ପୋଲସରା, କବିସୂର୍ଯ୍ୟନଗର ଓ ଆସିକା ବ୍ଲକ୍ ସଂଯୋଗ ହେବା ସହ ଗମନାଗମନ ସୁବିଧା ହୋଇପାରିବ । ପ୍ରାୟ ୧୦ଟି ଗ୍ରାମବାସୀ ଉପକୃତ ହୋଇପାରିବେ ବୋଲି ମନ୍ତ୍ରୀ ଶ୍ରୀ ମଲ୍ଲିକ୍ କହିଛନ୍ତି ।

## ଏକତା ପଦଯାତ୍ରା

ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ପାଳନ ଅବସରରେ ରାଜ୍ୟର ବିଭିନ୍ନ ସ୍ଥାନରେ ଏକତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି ।

**ବଲାଙ୍ଗିର** ପାଟଣାଗଡ଼ଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ପଦଯାତ୍ରାରେ ସାଂସଦ ସଙ୍ଗୀତା କୁମାରୀ ସିଂହଦେଓ ଯୋଗଦେଇ ଲୌହମାନବ ଶ୍ରୀ ପଟେଲଙ୍କ ସ୍ମୃତିଚାରଣ କରିଥିଲେ । ସମସ୍ତ ରାଷ୍ଟ୍ରକୁ ଏକତା ସୂତ୍ରରେ ବାନ୍ଧିବା ପାଇଁ ଏହି ପ୍ରୟାସ ଓ ଏକ ରାଷ୍ଟ୍ର ଏକ ଭାରତ ମୁଖ୍ୟ ଉଦ୍ଦେଶ୍ୟ ବୋଲି ଅତିଥିମାନେ କାର୍ଯ୍ୟକ୍ରମରେ ଯୋଗଦେଇ ମତବ୍ୟକ୍ତ କରିଥିଲେ ।  ପଦଯାତ୍ରା ପାଟଣାଗଡ଼ ରାଇମା ହାଇସ୍କୁଲ ପଡିଆଠାରୁ ଆରମ୍ଭ ହୋଇ ସହର ପରିକ୍ରମା କରିଥିଲା ।

କ୍ରୀଡା ଓ ଯୁବବ୍ୟାପାର ମନ୍ତ୍ରଣାଳୟ, ରାଜ୍ୟ କ୍ରୀଡା ଓ ଯୁବସେବା ବିଭାଗ, **ନବରଙ୍ଗପୁର** ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ଏକତା ପଦଯାତ୍ରା କାର୍ଯ୍ୟକ୍ରମ ନବରଙ୍ଗପୁରଠାରେ ଅନୁଷ୍ଠିତ ହୋଇଯାଇଛି ।

ପାପଡାହାଣ୍ଡିର ସହିଦ୍‌ସ୍ତମ୍ଭରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରାକୁ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ଜିଲ୍ଲାସ୍ତରୀୟ ଅଧିକାରୀ, ଜନପ୍ରତିନିଧିଙ୍କ ସମେତ ଜନସାଧାରଣ ସାମିଲ ହୋଇ ଦୀର୍ଘ ୧୬ କିଲୋମିଟର ପଦଯାତ୍ରା କରିଥିଲେ।

## ସଚେତନତା କାର୍ଯ୍ୟକ୍ରମ

**ଗଜପତି** ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ବରିଷ୍ଠ ନାଗରିକଙ୍କ ମଙ୍ଗଳ ଓ ପାଳନ ଅଧିନିୟମ ୨୦୦୭ ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସିଭିଲ କୋର୍ଟର ରେଜିଷ୍ଟରଙ୍କ ସମେତ ବରିଷ୍ଠ ନାଗରିକ ସଂଘ ଅଧ୍ୟକ୍ଷ ପ୍ରମୁଖ ଯୋଗଦେଇ ବରିଷ୍ଠ ନାଗରିକଙ୍କ ପାଇଁ ଥିବା ଆଇନ୍‌ଗତ ଅଧିକାର, ସୁରକ୍ଷା ବ୍ୟବସ୍ଥା ସମ୍ପର୍କରେ ଆଲୋକପାତ କରିଥିଲେ।

## ଯୁବସମ୍ମିଳନୀ

**ଗଞ୍ଜାମ** ଜିଲ୍ଲାର ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଖଲିକୋଟ ଓ ବେଗୁନିଆପଡ଼ା ଖଣ୍ଡକୁ ନେଇ କୋଦଳା ଇଣ୍ଡୋର ଷ୍ଟାଡିୟମ୍‌ରେ ଯୁବସମ୍ମିଳନୀ ଆୟୋଜିତ ହୋଇଯାଇଛି। ସୁସ୍ଥ ସମାଜ ଗଠନ ସମସ୍ତଙ୍କ ଦାୟିତ୍ୱ ବୋଲି କାର୍ଯ୍ୟକ୍ରମରେ ଯୋଗଦେଇ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି।

ଅନ୍ୟପକ୍ଷରେ, **ନୟାଗଡ଼** ଜିଲ୍ଲା କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ ପରିସରରେ ଖଣ୍ଡପଡା, ଭାଁପୁର ଓ ଗଣିଆଖଣ୍ଡ ପକ୍ଷରୁ ଯୁବସମ୍ମିଳନୀ ଅନୁଷ୍ଠିତ

ହୋଇଯାଇଛି । ଦେଶର ବିକାଶ ଦିଗରେ ଯୁବସମାଜର ସଂକଳ୍ପବଦ୍ଧ କାର୍ଯ୍ୟ ଓ ରାଷ୍ଟ୍ର ସୁରକ୍ଷା ପାଇଁ ଯୁବକମାନଙ୍କ କର୍ତ୍ତବ୍ୟ ଉପରେ ଅତିଥିମାନେ ଯୋଗଦେଇ ମତ ବ୍ୟକ୍ତ କରିଥିଲେ ।

## ବରଗଡ଼ ଧନୁଯାତ୍ରା

ବୃହତ୍ ମୁକ୍ତାକାଶ ରଂଗମଞ୍ଚ ବରଗଡ଼ ଧନୁଯାତ୍ରାର ପ୍ରମୁଖ ଚରିତ୍ର ପାଇଁ କଳାକାର ଚୟନ ପ୍ରକ୍ରିୟା ଶେଷ ହୋଇଛି । ଚଳିତବର୍ଷ କଂସ ଭୂମିକାରେ ଅଭିନୟ କରିବା ଲାଗି ସୁଶୀଲ ମେହେରଙ୍କ ନାମକୁ ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର ମହାପାତ୍ର ଘୋଷଣା କରିଛନ୍ତି । ଆସନ୍ତା ଡିସେମ୍ବର ମାସ ୨୪ ତାରିଖରୁ  ଜାନୁୟାରୀ ୩ ତାରିଖ ଯାଏଁ ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ଅନୁଷ୍ଠିତ ହେବ ।

## ଶୀତ

ସମଗ୍ର ରାଜ୍ୟରେ ଶୀତର ପ୍ରଭାବ ଜାରି ରହିଛି ।  ଆସନ୍ତା ୩ ଦିନ ମଧ୍ୟରେ ସର୍ବନିମ୍ନ ରାତି ତାପମାତ୍ରା ୨ ରୁ ୩ ଡିଗ୍ରୀ ବୃଦ୍ଧି ପାଇବାର ସମ୍ଭାବନା ଅଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଶୀତର ଲହରୀ ଜାରି ରହିବା ନେଇ କନ୍ଧମାଳ, ଝାରସୁଗୁଡ଼ା, ଖୋର୍ଦ୍ଧା ଏବଂ ସୁନ୍ଦରଗଡ଼ ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି । ସୁନ୍ଦରଗଡ଼ ଜିଲ୍ଲାର ରାଉରକେଲାଠାରେ ଆଜି ସକାଳେ ଘନକୁହୁଡି ଅନୁଭୂତ ହୋଇଛି ।